# Akashvani, Sambalpur

## SAMBALPURI NEWS MORNING BULLETIN

## 17 March 2026 - 6.47- 6.52 am.

---

ରାଜ୍ୟସଭା ନିର୍ବାଚନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ୪ ଟା ରାଜ୍ୟସଭା ଆସନ୍ ଲାଗି ଗଲାକାଏଲ୍ ହେଇଥିବା ନିର୍ବାଚନ୍‌ଥି ବିଜେପି ପ୍ରାର୍ଥୀ ମନ୍‌ମୋହନ୍ ସାମଲ୍, ସୁଜିତ୍ କୁମାର୍, ବିଜେଡ଼ି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଆଉ ବିଜେପି ସମର୍ଥିତ୍ ସ୍ୱାଧୀନ୍ ପ୍ରାର୍ଥୀ ଦିଲ୍ଲୀପ୍ ରାୟ ବିଜୟୀ ହେଇଛନ୍ । ବିରୋଧୀ ଦଲ୍ ମାନ୍‌କର୍ ତର୍‌ଫୁ ପ୍ରତିଦ୍ୱନ୍ଦିତା କରୁଥିବା ମିଲିତ୍ ପ୍ରାର୍ଥୀ ଡାକ୍ତର୍ ଦତେଶ୍ୱର୍ ହୋତା ପରାଜିତ୍ ହେଇଛନ୍ । ଇ ବାବ୍‌ଦେ ରାଜ୍ୟସଭା ରିଟର୍ଣ୍ଣିଂ ଅଧିକାରୀ ସତ୍ୟବ୍ରତ ରାଉତ୍ ବିଧିବଦ୍ଧ ଭାବେ ଘୋଷ୍‌ନା କରିଛନ୍ । ଗନ୍‌ତି ଉତ୍‌ରୁ ମନ୍‌ମୋହନ୍ ସାମଲ୍ ଆଉ ସୁଜିତ୍ କୁମାର୍ ୩୫ ଟା ଲେଖା ଭୋଟ୍ ପାଇଥିଲେ । ସନ୍ତୃପ୍ତ ମିଶ୍ରଙ୍କୁ ୩୧ ଟା, ଦିଲ୍ଲୀପ୍ ରାୟଙ୍କୁ ୩୪ ଟା ଆଉ ଡାକ୍ତର୍ ଦତେଶ୍ୱର୍ ହୋତାଙ୍କୁ ୨୩ ଟା ଲେଖା ଭୋଟ୍ ମିଲିଥିଲା ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଜୟୀ ପ୍ରାର୍ଥୀମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ଆଝିରର୍ ଫଲାଫଲ୍ ଆଏବା ଦିନେ ଓଡ଼ିଶାର୍ ବିକାଶ୍‌ଧାରାକେ ଆହୁରି ସମୃଦ୍ଧ କର୍‌ବା ବଲି କହିଛନ୍ ।
ମୁଖ୍ୟମନ୍ତ୍ରୀ କହିଛନ୍...
(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ରଥଯାତ୍ରା ପ୍ରସ୍ତୁତି ବୈଠକ୍      ଆଇ.ଆଣ୍ଡ୍.ପି.ଆର୍

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଲାଗି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ୩ ନମ୍ବର୍ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିକରି ଆଘର୍ ବୈଠକ୍ ମାନ୍‌କର୍ ନିଷ୍ପତି କେତେଦୂର୍ କାର୍ଯ୍ୟକାରୀ ହେଇଛେ ତାର୍ ସମୀକ୍ଷା କର୍‌ବାର୍ ସହେତେ ଭିନ୍ ଭିନ୍ ପରାମର୍ଶ ଦେଇଛନ୍ । ରଥଯାତ୍ରାର୍ ତୟାରି ବାବ୍‌ଦେ ପୁରୀ ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ା ଆଉ ଆରକ୍ଷୀ ଅଧିକ୍ଷକ୍ ପ୍ରତୀକ୍ ସିଂ ବୈଠକ୍ ନ ସୂଚ୍‌ନା ଦେଇଥିଲେ । ଜରୁରୀକାଳୀନ ସେବା ସହେତେ ପରିମଳ ବ୍ୟବସ୍ଥା, ଭିଡ଼୍ ନିୟନ୍ତ୍ରଣ୍ ବାଗିର୍ ଭିନ୍ ଭିନ୍ ବିଷେ ଉପ୍‌ରେ

ଆଲୋଚନା କରାଯାଇଥିଲା । ରଥଯାତ୍ରା ଲାଗି ମାର୍ଚ୍ଚ ୨୭ ତାରିଖ୍ ଶ୍ରୀରାମ୍‌ନଅମୀ ଅବ୍‌ସରେ ରଥକାଠ ଚିରଟ ପ୍ରକ୍ରିୟା ମୁଲ୍ ହେବା ବଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର୍ ପାଢ଼ୀ ଇ ଅବ୍‌ସରେ ସୂଚ୍‌ନା ଦେଇଛନ୍ ।

ଗ୍ରୀଡ଼୍‌ଫିଲ୍ଡ୍ କରିଡ଼ର୍        ଆଇ.ଆଣ୍ଡ୍.ପି.ଆର୍

ଖଡ଼ଗପୁର- ଟାଙ୍ଗୀ -ବିଶାଖାପାଟ୍‌ନମ୍-ବିଜୟୱାଡ଼ାକେ ସଂଯୋଗ୍ କରିକରି ତିଆର୍ ହେବାର୍‌କେ ଥିବା ହାଇସ୍ପିଡ୍ ଆଉ ଗ୍ରୀଡ଼୍‌ଫିଲ୍ଡ୍ କରିଡ଼ର୍ ପ୍ରକଳ୍ପଥି ଓଡ଼ିଶାର୍ ୫ ଶହ ୫୨ କିଲୋମିଟର୍ ରାସ୍ତା ରହେବା । ଇ ହାଇସ୍ପିଡ୍ କରିଡ଼ର୍ ରାଜ୍ୟର୍ ୯ ଟା ଜିଲ୍ଲାର୍ ୨୭ ଟା ସହର୍‌କେ ଜୁଡ଼୍‌ବା । ଇ ପ୍ରକଳ୍ପ ନିର୍ମାଣ୍ ଲାଗି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ରାଜ୍ୟନିର୍ମାଣ ବିଭାଗ୍ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର୍ ସିଂଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଓଡ଼ିଶା ଦେଇକରି ନିର୍ମାଣ୍ ହେବାର୍‌କେ ଥିବା ଇ କରିଡ଼ର୍ ଲାଗି ପ୍ରସ୍ତାବିତ୍ ନକ୍ସା,

ଜିଲ୍ଲା, ଅର୍ଥନୈତିକ୍ ଅଂଚଲ୍ ଆଉ ସହର ସଂଯୋଗୀକରଣ୍ ଆଉର୍ ଜମି ଅଧିଗ୍ରହଣ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଆର୍‌ଟିଇ-ନାଁଲେଖା      ଆଇ.ଆଣ୍ଡ୍.ପି.ଆର୍

ଶିକ୍ଷା ଅଧିକାର୍ ଆଇନ୍-ଆର୍‌ଟିଇ ବଲେ ଆର୍ଥିକ୍ ଅନଗ୍ରସର୍ ବର୍ଗର୍ ପିଲାମାନ୍‌କୁ ଘରୋଇ ବିଦ୍ୟାଳୟ ନ ନାଁଲେଖା ପ୍ରକ୍ରିୟା ଆଏଜ୍‌ଠାନୁ ମୁଲ୍ ହେବା । ଇଥିର୍‌ଲାଗି ଗଲାକାଏଲ୍ ଲଟ୍‌ରୀ ସଙ୍ଗେ ସିଟ୍ ଆବଂଟନ୍ କରାଯାଇଛେ । ପହେଲା ଖେପ୍‌ଥି ନାଁଲେଖାବାର୍‌କେ ୨୭ ହଜାର୍ ୩ ଶହ ୭୦ ଝନ୍ ଛାତ୍ରଛାତ୍ରୀଙ୍କୁ ବଛାଯାଇଛେ । ସୂଚ୍‌ନା ଅନ୍‌ସାରେ ରାଜ୍ୟର୍ ୪ ହଜାର୍ ୪ ଶହ ୩୮ ଟା ଘରୋଇ ବିଦ୍ୟାଳୟ ନ ୫୪ ହଜାର୍ ୩ ଶହ ୩୫ ଟା ସିଟ୍ ଲାଗି ଆର୍‌ଟିଇ ଜରିଏ ଛାତ୍ରଛାତ୍ରୀମାନେ ନାଁ ଲେଖାବେ । ଇଥିର୍‌ଲାଗି ଆର୍‌ଟିଇ ପାରଦର୍ଶୀ ପୋର୍ଟାଲ୍‌ଥି ୪୪ ହଜାର୍ ୭ ଶହ ୭୭ ଝନ୍ ଆବେଦନ୍ କରିଥିଲେ । ଆବେଦନ୍‌ପତ୍ରକେ ବ୍ଲକ୍ ଶିକ୍ଷାଧିକାରୀମାନେ ଯାଂଚ୍ କରିକରି ୩୫ ହଜାର୍ ୮ ଶହ ଝନ୍‌କୁ ବାଛିଥିଲେ ।

ଝାର୍‌ସୁଗୁଡ଼ା ଗ୍ରୀଷ୍ମ ପ୍ରସ୍ତୁତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ନ ଖରାର୍ ମୁକାବିଲା ଲାଗି ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର୍ ଅଧ୍ୟକ୍ଷତାଥି ଜରୁରୀକାଳୀନ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍ ଅଂଶୁଘାତ୍ ମୃତ୍ୟୁ ଶୂନ୍ୟ କର୍‌ବାର୍ ଲାଗି ପ୍ରଶାସନ୍ ପ୍ରାଥମିକତା ଦେବାର୍‌କେ ଜୋର୍ ଦେଇଛନ୍ । ଇଥିର୍‌ଲାଗି ସଖାଳର୍ ୧୦ ବଜେନୁ ଉପର୍‌ବେଲା ୪ ବଜେତକ୍ କେନ୍‌ସି ପରିବହନ ସେବା କି ଖଣି ଆଉ ନିର୍ମାଣ ଶ୍ରମିକମାନେ କାମ୍ କରି ନାଇଁପାରନ୍ । ଗାଡ଼ିଚାଲକ୍‌ମାନ୍‌କର୍ ଲାଗି ଥଣ୍ଡା ପରିବେଶ୍ ବ୍ୟବସ୍ଥା ସହେତେ ଝନେ ସହଯୋଗୀ ରହେବାର୍ ବାଧ୍ୟତାମୂଳକ୍ କରାଯାଇଛେ । ବିଦ୍ୟାଳୟମାନ୍‌କେ ସ୍ୱତନ୍ତ୍ର ବ୍ୟବସ୍ଥା କର୍‌ବାର୍ ସହେତେ ଜିଲ୍ଲା ନ ଭର୍‌ପୁର୍ ମାତ୍ରାଥି ଜଲ୍‌ଛତ୍ର ଆଉ ବିଶ୍ରାମାଗାର ଖୁଲ୍‌ବାର୍‌କେ ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ ।

ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ କେନ୍ଦୁପାଟି ପଂଚାୟତ୍ ନ ଗଲାକାଏଲ୍ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ୍

ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ ଅଧକ୍ଷତା କରିକରି ସର୍‌କାର୍‌ଙ୍କର୍ ତର୍‌ଫୁ ଅନାଯାଇଥିବା ଜନକଲ୍ୟାଣ୍‌କାରୀ ଆଉ କର୍ମନିଯୁକ୍ତି ଯୋଜ୍‌ନାମାନ୍‌କର୍ ସାହାଜ୍‌ଥି ଲୁକେ ନିଜର୍ ଭିଟାମାଟି ନ କାମ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ । ଇ ଅବ୍‌ସରେ ପାଲା ଜରିଏ ପ୍ରବାସୀ ଶ୍ରମିକ ନିରାକରଣ୍ ଲାଗି ସଚେତନ୍ କରାଯାଇଥିଲା ।

ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍/ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ଆଏଜ୍‌ଠାନୁ ୨୪ ନମ୍ବର୍ ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍ -୨୦୨୬ ମୁଲ୍ ହେବା । ପ୍ରତିଯୋଗିତା ଆଏବା ୨୧ ତାରିଖ୍‌ତକ୍ ଚାଲ୍‌ବା । ଓଡ଼ିଶା ପାରା କ୍ରୀଡ଼ା ସଂଘ ଆଉ ରାଜ୍ୟ କ୍ରୀଡ଼ା ଆଉ ଯୁବବ୍ୟାପାର୍ ବିଭାଗ୍ ତର୍‌ଫୁ ହଉଥିବା ପ୍ରତିଯୋଗିତାଥି ଶହେ ୪୫ ନୁ ଅଏତ୍‌କା ବର୍ଗଥି ଖେଲ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ସଖାଲୁ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଘଡ଼୍‌ଘଡ଼ି ସହେତେ ଧୁକାଗର୍ଡ଼ି ଆଉ ବର୍ଷା ମୁଲ୍ ହେଇଯାଇଛେ । ଆଏବା ୨୦ ତାରିଖ୍‌ତକ୍ କେତେଟା ଜାଗା ନ ଇତାର୍ ପ୍ରଭାବ୍ ଦେଖିବାର୍‌କେ ମିଲ୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଧୁକାଗର୍ଡ଼ି ସହେତେ ହାଲ୍‌କାନୁ ମଧ୍ୟମ୍ ଧରଣ୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।